**ତହସିଲ କାର୍ଯ୍ୟାଳୟ, ମୁରିବାହାଲ**

## CORRIGENDUM

ଭୁଲ ସଂଶୋଧନ ପତ୍ର ସଂଖ୍ୟା 1740 ତା 25.11.2020

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୬୯୬ ତା ୨୦/୧୧/୨୦୨୦ ସୈରାତ ଉସ କ୍ରମିକ ସଂଖ୍ୟା ୦୧ କେଶ ନ ୦୨/୨୦୨୦ ଅନୁସାରେ ଏରିଆ ଏ,୦୫.୧୦ ଡି ପରିବର୍ତ୍ତେ ମୋଟ ଏରିଆ ଏ.୦୫.୧୦ ଡି. ଏବଂ ଖନନ ଏରିଆ ଏ. ୦୨.୦୦ଡି ହେବ । ଏହା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା।

25.11.2020

ତହସିଲଦାର, ମୁରିବାହାଲ

Memo No. 1741 Date 25.11.2020

Copy to D.I.O., NIC Balangir for information and necessary action. He is requested to upload the Corrigendum in the District website against the advertise No. 1696 dt. 20-11-2020 of Tahasildar,Muribahal.

25.11.2020

Tahasildar,Muribahal

Memo No. 1742 Date 25.11.2020

ଉପରୋକ୍ତ ବିଜ୍ଞାପନ ର ଏକ କିତା ନକଲ ସମ୍ପାଦକ ଦୈନିକ ସମ୍ବାଦ,ସମ୍ବଲପୁର / ଦୈନିକ ସମାଜ ,ସମ୍ବଲପୁର ଙ୍କ ଅବଗତି ତଥା ଦୈନିକ ଖବରକାଗଜ ରେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା।

25.11.2020

ତହସିଲଦାର, ମୁରିବାହାଲ

Memo No. 1743 Date 25.11.2020

Copy to the Deputy Collector (Touzi Section) Collectorate, Balangir for information and necessary action.

25.11.2020

Tahasildar,Muribahal

Scanned with CamScanner

# ତହସିଲଦାରଙ୍କ କାର୍ଯ୍ୟାଳୟ, ମୁରିବାହାଲ

ବିଜ୍ଞପ୍ତି ସଂଖ୍ୟା ୧୬୨୬ ତାରିଖ: ୨୦/୧୧/୨୦୨୦

## <u>ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ଇସ୍ତାହାର</u>

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ମୁରିବାହାଲ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ (ପଥର ଖାଦାନ) ଗୁଡିକର ଆସନ୍ତା ୫ (ପାଂଚ) ବର୍ଷ ନିମନ୍ତେ ୨୦୨୦-୨୦୨୧ ଆର୍ଥିକ ବର୍ଷ ଠାରୁ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ମୁରିବାହାଲ ଙ୍କ ଦ୍ୱାରା ନିଲାମ କରାଯିବ । ଇଛୁକ ବ୍ୟକ୍ତିବିଶେଷ OMMC (Amendment) Rule-2016 ର FORM-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ୍ ସଂଲଗ୍ନ କରି ( sealed cover) ରେ ସୈରାତ ଉତ୍ସର ନାମ ଲଫାପା ଉପରେ ଉଲ୍ଲେଖ କରି ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷର କାରୀ ଙ୍କ କାର୍ଯ୍ୟାଳୟ ରେ <u>ତା ୨୦.୧୧.୨୦୨୦ ଠାରୁ ୦୮.୧୨.୨୦୨୦</u> ରିଖ **ଅପରାହ୍ନ ୧୨.୩୦** ଘଂଟା ସୁଦ୍ଧା ତହସିଲ କାର୍ଯ୍ୟାଳୟ ରେ ଥିବା Drop Box ରେ(ଛୁଟି ଦିନ ବ୍ୟତିତ) ପକାଯିବ ଏବଂ ତା. <u>**୦୮.୧୨.୨୦୨୦ ରିଖ ଅପରାହ୍ନ ୦୨.୩୦**</u> ମିନିଟ ସମୟରେ ଲିଜ ଦରଖାସ୍ତକାରୀ କିମ୍ୱା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଯେଉଁ ସୌରାତ ଉତ୍ସ ଗୁଡିକ ପ୍ରଥମ ଦିନ ଚୁଡାନ୍ତ ହୋଇ ନ ପାରିବ ସେହି ଉତ୍ସ ଗୁଡିକ ପାଇଁ <u>**ଦ୍ୱିତୀୟ ଥର ତା. ୦୯.୧୨.୨୦୨୦ ରୁ ୧୫.୧୨.୨୦୨୦ ରିଖ ଏବଂ ତୃତୀୟ ଥର ପାଇଁ ତା. ୧୬.୧୨.୨୦୨୦ ରୁ ୨୨.୧୨.୨୦୨୦ ରିଖ ଅପରାହ୍ନ ଘ. ୧୨.୩୦**</u> ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯିବ ଓ <u>**ତା. ୧୫.୧୨.୨୦୨୦ ଓ ୨୨.୧୨.୨୦୨୦ ରିଖ ଅପରାହ୍ନ ଘ. ୦୨.୩୦**</u> ସମୟରେ ଲିଜ ଦରଖାସ୍ତକାରୀ କିମ୍ୱା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । FORM-M ବ୍ୟତୀତ ଅନ୍ୟକୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।

<u>ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ୍</u>

୧ ଦରଖାସ୍ତକାରୀ ତିନିକିତା ଦରଖାସ୍ତ FORM-M ଦାଖଲ କରିବେ।

୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ *("0853-Non-ferrous mining & Metllurgical 102-mineral Concession fees ,rents & royalties-0217- receipts under Odisha minor Minerals concession fees (new)-02021-collection of fees, rents &royalties (new)"*

୩. ଦରଖାସ୍ତ କରୁଥିବା ସୈରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ତହସିଲଦାର, ମୁରିବାହାଲ ଙ୍କ ନାମରେ (Payable at Muribahal) ପ୍ରଦାନ କରିବେ । [ EMD i.e. 5% of { Minimum Guaranteed Quantity x (Royalty + Additional Charges)}]

୪. କୌଣସି ମାଇନିଙ୍ଗ ବାବଦକୁ ବକେୟାଦେୟ ନ ଥିବା ନେଇ ଏକ ସତ୍ୟପାଠ (Affidavit )

୫. ବ୍ୟାଙ୍କ ଗ୍ୟାରେଣି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୁଲ୍ୟ { Minimum Guaranteed Quantity x (Royalty + Additional Charges)}] ଠାରୁ ଅଧିକ ହୋଇଥିବା ଆବଶ୍ୟକ ପ୍ରଦାନ କରିବା ସହ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ସ୍ଥାବର ସଂପତିର ପ୍ରମାଣପତ୍ର ଦାଖଲ କରିବେ ।

୬. Income Tax Clearance କିମ୍ୱା ଗତ Assessment year ର IT return ର ନକଲ ଯବି ଥାଏ ପ୍ରଦାନ କରିବେ।

(ସର୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କweb site :www. Balangir.nic.in କିମ୍ୱା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରିପାରିବେ ।)

(signature) 20.11.2020
Tahasildar
Muribahal

Scanned by CamScanner

# ସର୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ (OMMC Rule-2004) ଓ OMMC (Ammendment) Rule- 2016 ପରିସର ଭୁକ୍ତ ରହିବେ।

୨. ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟ ର (Additional Charges) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମ ଧାରି ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ। ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ।

୩. ସର୍ବୋଚ୍ଚ ରୟାଲଟି ଓ (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ।

୪. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ (Additional Charges) ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରାଯିବ ।

୫. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

୬. ଲିଜରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୮. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ୍ ପ୍ଲାନ (Mining Plan ) ତିଆରି କରି ଦାଖଲ କରିବେ ନଚେତ୍ ଲିଜ୍ ବାତିଲ୍ କରାଯିବ ।

୯. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲିଟି ଓ (Additional Charges) ରାଶି କୁ ଗୁଣନକଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି (Mining Plan) ଓ Environmental Clearance ଆଣି ସାରିଲା ପରେ ପୈଠକରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ଓଡିଶା ଖଣି ଆକ୍ଟ ୧୯୦୮ ଓ ପ୍ଲାନ୍ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Lease Deed)ସଂପାଦନ କରିବେ ।

୧୦. ଲିଜ ଧାରୀ ଲିଜ୍ ବାବଦ କୁ ରୟାଲ୍ଟି ଦେୟର ଶତକଡା ୫ ଭାଗ Environmental Management Fund ତହସିଲଦାର୍ ଙ୍କ ପାଖରେ ଦାଖଲ କରିବେ ।

୧୧. ଲିଜଧାରୀ ରୟାଲଟି ଓ (Additional Charges) ଦେୟ ର ୧୦% District Mineral Fund ବାବଦକୁ ତହସିଲଦାର ଙ୍କ ପାଖରେ ଦାଖଲ କରିବେ।

୧୨. ପରିବେଶ ସମ୍ବନ୍ଧୀୟ ଅନୁମତି (Environmental Clearance) ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୩. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇ ଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୪. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ concret pillar ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରିସେଥିରେ ସୈରାତ ଉତ୍ସର ନକ୍ସା ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ।

୧୫. ଉପରୋକ୍ତ ସମସ୍ତ ସର୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୬. ଲିଜ ସମ୍ବନ୍ଧୀୟ ସର୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୧୭. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ରହିଛି ।

୧୮. ଜମା ରୟାଲଟିର ୨% ଲିଜଧାରୀ ଆୟକର (T.C.S.) ବାବଦକୁ ଚାଲାଣ ଆକାରରେ ଜମାକରିବେ ।

୧୯. ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତ Surface Rent ଏବଂ Dead Rent ମଧ୍ୟ ପଇଠ କରିବାକୁ ପଡିବ।

୨୦. ଲିଜ ଅବଧି ମଧ୍ୟରେ Sc000hedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓ ସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୧. ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

20.11.2020
Tahasildar
ତହସିଲଦାର, ମୁରିବାହାଲ
Muribahal

## ସୈରାତ ଉତ୍ସର ବିବରଣୀ

| କ୍ର. ସଂ. | କେସ୍ ନମ୍ବର | ନାମ | ପ୍ରକାର | ଖାତା ନମ୍ବର | ପ୍ଲଟ ନମ୍ବର | ଏରିଆ | କିସମ | ରୟାଲଟି ଦର | ଅତିରିକ୍ତ ଦର | ଅନ୍ୟୁନ ଉତୋଳନ ପରିମାଣ | ଅମାନତ ଅଗ୍ରମ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରିବେ |
|---|---|---|---|---|---|---|---|---|---|---|---|
| ୧ | ୦୬/୨୦-୨୧ | ଅଣ୍ଡାଲଦ ରହ | ପଥର ଖାଦାନ | ୭୧ | ୯୩୨ | ଏ. ୫.୧୦ | ପଥର ଚଟାଣ | ୧୩୦/- | ୭/- | ୩୬୦୦ | ୨୪୬୬୦.୦୦ |

20.11.2020
Tahasildar
ତହସିଲଦାର, ମୁରିବାହାଲ
Muribahal

**Memo No.** 1697 **/ Touzi** **Dt.** 20 **.11.2020**

Copy to the Collector, Balangir/ Sub-Collector, Titilagarh / All Tahasildars of Titilagarh Sub-Division/ All Block Development Officer of Titilagarh Sub-Division/ Executive Officer, Muncipality, Titilagarh/ Executive Officer, NAC, Kantabanji/ All Sarpanch, Gram-Panchayats of Muribahal Block/ Dy. Director of Mines, Balangir / Divisional Forest Officer, Balangir / Regional Office, Pollution Control Board, Sambalpur/ Executive Engineer, RWSS,/ Secretary, SDA for information and they are requested to publish the notice in their Office Notice Board.

20.11.2020
Tahasildar, Muribahal
Tahasildar
Muribahal

**Memo No.** 1698 **/ Touzi** **Dt.** 20**.11.2020**

Copy to D.I.O. NIC, Collectorate, Balangir for hosting the copy of the notice in the District Web Site.

20.11.2020
Tahasildar, Muribahal
Tahasildar
Muribahal

Scanned by CamScanner